# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**6 March – 2026**

## ଅମିତ୍ ଶାହା - ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଶ୍ରୀ ଶାହା ଏହି ଅବସରରେ ବିଭିନ୍ନ ବିଭାଗ ସହ ଜଡ଼ିତ ୧ ହଜାର ୧୫୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୬୯ଟି ପ୍ରକଳ୍ପର ଉଦ୍‌ଘାଟନ ସହ ୨ ହଜାର ୧୧୬ କୋଟି ଟଙ୍କାର ୧୩୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସ୍ୱରାଷ୍ଟ୍ରମନ୍ତ୍ରୀ କଟକ ମୁଣ୍ଡୁଳିସ୍ଥିତ ସି.ଆଇ.ଏସ୍.ଏଫ୍.ର ୫୭ତମ ପ୍ରତିଷ୍ଠା ଦିବସରେ ଯୋଗଦେବେ । ଏହା ସହ ପାରାଦ୍ୱୀପରେ ଇଫ୍‌କୋ ସଲ୍‌ଫ୍ୟୁରିକ୍ ଏସିଡ ପ୍ଲାଣ୍ଟକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ପରେ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରିବେ । ଏଥିରେ ରାଜ୍ୟ ସମବାୟ ନୀତିର ପ୍ରକାଶନ, ନୂତନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍‌ଘାଟନ , ୨୦ଟି ସାଇବର ଥାନା, ରାଜ୍ୟର ପ୍ରଥମ କେନ୍ଦ୍ରୀୟ ଫୋରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାର ଆଦି ରହିଛି । ଏହା ସହ ବିଭିନ୍ନ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଗଭର୍ଣ୍ଣର-ଆପଏଣ୍ଟମେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ରାଜ୍ୟପାଳ ନିଯୁକ୍ତ କରିଛନ୍ତି । ହିମାଚଳ ପ୍ରଦେଶର ରାଜ୍ୟପାଳ ଶିବପ୍ରତାପ ଶୁକ୍ଲା ତେଲଙ୍ଗାନାର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିବା ବେଳେ, ତେଲଙ୍ଗାନାର ରାଜ୍ୟପାଳ ଜିଷ୍ଣୁଦେବ ବର୍ମା ମହାରାଷ୍ଟ୍ର ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି । ବିହାର ବିଧାନସଭାର ପୂର୍ବତନ ବାଚସ୍ପତି ନନ୍ଦ କିଶୋର ଯାଦବଙ୍କୁ ନାଗାଲାଣ୍ଡର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ୍ ସୟଦ ଅତା ହସ୍‌ନେନ୍‌ଙ୍କୁ ବିହାରର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିବା ବେଳେ ତାମିଲନାଡୁର ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି ।

---

## ରାଜ୍ୟସଭା - ନାମାଙ୍କନ

୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ପାଇଁ ଆଜି ନାମାଙ୍କନପତ୍ର ଯାଞ୍ଚ ହେବ । ଆସନ୍ତା ସୋମବାର ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର କରାଯାଇ ପାରିବ । ଗତକାଲି ବିଜେପି ପକ୍ଷରୁ ମନମୋହନ ସାମଲ, ସୁଜିତ୍ କୁମାର ଏବଂ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ନାମାଙ୍କନ ପତ୍ର ଦାଖଲ କରିଥିଲେ ।

ବିଜେଡି ପକ୍ଷରୁ ଡକ୍ଟର ସଂତୃପ୍ତ ମିଶ୍ର ଏବଂ କଂଗ୍ରେସ ଓ ବିଜେଡ଼ି ସମର୍ଥନରେ ସାଧାରଣ ପ୍ରାର୍ଥୀ ଭାବେ ଡାକ୍ତର ଦଣ୍ଡେଶ୍ୱର ହୋତା ରାଜ୍ୟସଭା ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ ।

ଆସନ୍ତା ୧୬ ତାରିଖ ଦିନ ଏହି ଆସନଗୁଡ଼ିକ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସେଥିମଧ୍ୟରେ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ଅର୍ନ୍ତଭୁକ୍ତ।

## ମାଛ ବଜାର

ପାରାଦ୍ୱୀପରେ ଚାଷୀ ଓ ଖାଉଟିଙ୍କ ସୁବିଧା ପାଇଁ ଏକ ଅତ୍ୟାଧୁନିକ ମାଛ ବଜାର ପ୍ରତିଷ୍ଠା କରିବାକୁ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଅନୁରୋଧ କରିଛନ୍ତି । ଏକ ପତ୍ରରେ ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଛନ୍ତି, ପାରାଦ୍ୱୀପରେ ପ୍ରଚୁର ପରିମାଣର ସାମୁଦ୍ରିକ ମାଛ ଉପଲବ୍ଧ ହୋଇଥାଏ। ତେବେ ଏହି ସ୍ଥାନରେ ଉପଯୁକ୍ତ ମାଛ ବଜାରର ଅଭାବ କାରଣରୁ ମାଛର ଗୁଣବତ୍ତା ହ୍ରାସ ପାଉଛି । ଏଥିପାଇଁ ଏକ ଆଧୁନିକ ସ୍ୱଚ୍ଛ ମାଛ ବଜାର ପ୍ରତିଷ୍ଠା ପାଇଁ ଶ୍ରୀ ସ୍ୱାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ତାଙ୍କ ପତ୍ରରେ ଅନୁରୋଧ କରିଛନ୍ତି ।

## ଅଭିଯୋଗ ଶୁଣାଣି

ମହିଳାଙ୍କ ଅଧିକାର, କଲ୍ୟାଣ ଏବଂ ଅନ୍ୟାନ୍ୟ ସମସ୍ୟା ସହ ଜଡିତ ଅଭିଯୋଗର ଶୁଣାଣି ପାଇଁ ଆଜି ପୂର୍ବାହ୍ନ ୧୦ଟାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜାତୀୟ ମହିଳା ଆୟୋଗ ଏବଂ ରାଜ୍ୟ ମହିଳା ଆୟୋଗର ମିଳିତ ସହଯୋଗରେ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭାଗୃହରେ ହେବାକୁଥିବା ଜନଶୁଣାଣିରେ ଅଭିଯୋଗ ଗୁଡ଼ିକର ସମାଧାନ ଚାହୁଁଥିବା ଅଭିଯୋଗକାରୀ

ମହିଳା ଓ ଅନ୍ୟପକ୍ଷମାନେ ଉପସ୍ଥିତ ରହି ନିଜ ପକ୍ଷ ଉପସ୍ଥାପନ କରିପାରିବେ ।

## ଉଚ୍ଛେଦ

ରାଞ୍ଚି-ବିଜୟୱାଡ଼ା କରିଡର ଜାତୀୟ ରାଜପଥ ସଂପ୍ରସାରଣ ପାଇଁ ଫୁଲବାଣୀ ସହରର କେତେକ ସ୍ଥାନରେ ରାସ୍ତାକଡ଼ରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ଉଚ୍ଛେଦ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ପୋଲିସ୍ ମୁତୟନ କରାଯାଇଥିଲା ।

## ନଳକୂପ ଖନନ

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଗୌଡ଼ଦେଓପାଲି ପଞ୍ଚାୟତ କାଦବେତା ଗ୍ରାମରେ ନଳକୂପ ଖନନ କରାଯାଇଛି । ଗ୍ରାମବାସୀମାନେ ପୂର୍ବରୁ ପିଇବା ପାଣି ପାଇଁ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ।

## ଭଲିବଲ୍ ଚମ୍ପିୟାନସିପ୍

ଭୁବନେଶ୍ୱରରେ ଦେଶରେ ପ୍ରଥମଥର ପାଇଁ ମହିଳା ଓ ପୁରୁଷ ବିଶ୍ୱ ଭଲିବଲ ଚାମ୍ପିୟାନ୍‌ସିପ୍ ଆରମ୍ଭ ହୋଇଛି । କିଟ୍‌ସ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ୫୨ଟି ଦେଶରୁ ୮୨ଟି ଦଳ ଅଂଶ ଗ୍ରହଣ କରିଛନ୍ତି । ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି କହିଛନ୍ତି, ଓଡ଼ିଶାରେ ଏଭଳି ଆୟୋଜନ ଗର୍ବର ବିଷୟ । ଏଥିପାଇଁ ସେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ପାରା ତୀରନ୍ଦାଜୀ

ଥାଇଲ୍ୟାଣ୍ଡର ବ୍ୟାଙ୍କକ୍‌ରେ ଆସନ୍ତା ୨୯ ତାରିଖରୁ ଏପ୍ରିଲ ମାସ ୫ତାରିଖ ମଧ୍ୟରେ ବିଶ୍ୱ ପାରା ତୀରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିପାଇଁ ଘୋଷଣା କରାଯାଇଥିବା ଭାରତୀୟ ଦଳରେ ଓଡ଼ିଶାର ପାୟଲ ନାଗ୍ ସ୍ଥାନ ପାଇଛନ୍ତି । ପାୟଲ୍‌ଙ୍କ ଏହି ସଫଳତା ପାଇଁ ତାଙ୍କୁ ଓଡ଼ିଶା ତିରନ୍ଦାଜୀ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ପାଣିପାଗ

ରାଜ୍ୟରେ ଦିନର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ଝାରସୁଗୁଡ଼ାଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା । ଅପରପକ୍ଷରେ ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ରବିବାରଠାରୁ ବର୍ଷା ହେବାର ସମ୍ଭାବନା ରହିଛି ।